ଫରିଦାବାଦ କମ୍ପ୍ଲେକ୍ସ ପ୍ରଶାସନ

ବନାମ

ୟାଦୁ ଇତ୍ୟାଦି ।

ଡିସେମ୍ବର 11,1996

[କେ. ରାମାସ୍ୱାମୀ ଏବଂ ଜି. ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ହରିୟାଣା ପୌରପାଳିକା ଅଧିନିୟମ, 1973: ଧାରା 208 ।*

*ଫରିଦାବାଦ କମ୍ପ୍ଲେକ୍ସ ପ୍ରଶାସନ (ବିନିୟମନ ଏବଂ ବିକାଶ) ଅଧିନିୟମ, 1972: ଧାରା 15 ଏବଂ 61 (1) (f) ।*

*ଅନଧିକୃତ ନିର୍ମାଣ – ଭାଙ୍ଗିବା ପାଇଁ ସୂଚନା – ସମୟ ସୀମା – ସୂଚନା ଜାରି ପାଇଁ ସର୍ତ୍ତ – ବି ଏବଂ ଏମ୍ ଦ୍ୱାରା ଦୋକାନ ନିର୍ମାଣ – ଅନଧିକୃତ ନିର୍ମାଣ ପାଇଁ ସେମାନଙ୍କୁ ସୂଚନା ଜାରି କରାଯାଇଥିଲା - ତା 'ପରେ ସେମାନେ ଉତ୍ତରଦାତାମାନଙ୍କୁ ଜମି ବିକ୍ରି କରିଥିଲେ – ଅପିଲକାରୀ-ପ୍ରଶାସନ ନିର୍ମାଣକୁ ଭଗ୍ନ କରିବାରୁ ଅବରୋଧ କରିବାକୁ ନିଷିଦ୍ଧାଦେଶ ପାଇଁ ଉତ୍ତରଦାତାମାନଙ୍କ ଦ୍ୱାରା ମକଦ୍ଦମା ଦାଖଲ କରାଯାଇଥିଲା – ଆଧାର ଏହି କି ଯେ ବି ଏବଂ ଏମ୍ କୁ ଜାରି କରାଯାଇଥିବା ସୂଚନା ସମୟ ସୀମା ବାହାରେ ଥିଲା – ବିଚାର କରୁଥିବା ନ୍ୟାୟାଳୟ ମକଦ୍ଦମା ଫଏସଲା କରିଥିଲେ ଏବଂ ପ୍ରଥମ ଅପିଲ ନ୍ୟାୟାଳୟ ଦ୍ୱାରା ନିଶ୍ଚିତ ହୋଇଥିଲା – ଦ୍ୱିତୀୟ ଅପିଲ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଖାରଜ ହୋଇଥିଲା – ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଅପିଲ – ଦର୍ଶାଯାଇଛି – ଅପିଲକାରୀ ବଲ୍ଲଭଗଡ ପୌରପାଳିକା ଦ୍ୱାରା ଥିବା ସମ୍ପତ୍ତି ପାଇଥିଲେ – ଧାରା 208 ଅନୁଯାୟୀ ଜାରି ହୋଇଥିବା ସୂଚନା ଅନଧିକୃତ ନିର୍ମାଣ ସହିତ ଏହି ଆଧାରରେ ଜଡିତ ଯେ ନିର୍ମାଣ କାର୍ଯ୍ୟ କରୁଥିବା ବ୍ୟକ୍ତି ସମ୍ପତ୍ତିର ମାଲିକ – ଉତ୍ତରଦାତାମାନେ 'ବି' ଠାରୁ ଜମି କିଣିଥିଲେ ଏବଂ ଏହା ସେମାନଙ୍କର ମାମଲା ନୁହେଁ ଯେ 'ବି' ର ନଗରପାଳିକା ଠାରୁ ସ୍ୱାଧୀନ ସ୍ୱତ୍ୱ ଥିଲା – ଏହି ପରିସ୍ଥିତିରେ, ଧାରା 208 ର ସୀମା ସୃଷ୍ଟି ହେବ ନାହିଁ – ନିମ୍ନ ନ୍ୟାୟାଳୟ ଦ୍ୱାରା ମଞ୍ଜୁର ହୋଇଥିବା ବିଚାରାଦେଶ ଗ୍ରହଣୀୟ ନୁହେଁ – ପ୍ରକୃତ ମାଲିକ ଅର୍ଥାତ୍ ଅପିଲକାରୀଙ୍କ ବିରୋଧରେ କୌଣସି ନିଷିଦ୍ଧାଦେଶ ଜାରି କରାଯାଇପାରିବ ନାହିଁ ।*

ଫରିଦାବାଦ କମ୍ପ୍ଲେକ୍ସ ପ୍ରଶାସନ ବନାମ ୟାଦୁ

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 894/1986

ଅପିଲକାରୀଙ୍କ ପାଇଁ ଡ଼ି. ଭି ସହଗଲ ଏବଂ ପ୍ରେମ  ମାଲହୋତ୍ରା

ଉତ୍ତରଦାତାମାନଙ୍କ ପାଇଁ ରାଜୀବ କେ. ଗର୍ଗ ଏବଂ ଏନ୍. ଡ଼ି ଗର୍ଗ

ଆର୍.ଏସ୍.ଏ. ସଂଖ୍ୟା 3339/1986ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 27.5.87ର ରାୟ ଏବଂ ଆଦେଶରୁ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଗୁଡିକ, ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟ ପ୍ରାରମ୍ଭରେ ଅପିଲଗୁଡିକୁ ଖାରଜ କରିଥିବା,  ଜୁଲାଇ 17,1985 ଏବଂ ସେପ୍ଟେମ୍ବର 11, 1985 ରାୟରୁ ଉତ୍ପନ୍ନ ହୋଇଛି ।

ନିର୍ବିବାଦିତ ତଥ୍ୟ ହେଉଛି ଯେ ଜଣେ ବିହାରୀଲାଲ ଏବଂ ମହିପାଲ ଉକ୍ତ ଜମିରେ ଦୋକାନ ନିର୍ମାଣ କରିବାକୁ ଚେଷ୍ଟା କରିଥିଲେ । ଅନଧିକୃତ ନିର୍ମାଣ ପାଇଁ ସେମାନଙ୍କୁ ସୂଚନା ଜାରି   କରାଯାଇଥିଲା ।  ଏହା ପରେ, ସ୍ୱୀକାରଯୋଗ୍ୟ ଭାବେ, ସେମାନେ ଉତ୍ତରଦାତାମାନଙ୍କୁ ଜମି ବିକ୍ରି କରିଥିଲେ ଯେଉଁମାନେ ଅପିଲକାରୀଙ୍କୁ ସେମାନଙ୍କ ଦ୍ୱାରା କରାଯାଇଥିବା ନିର୍ମାଣକୁ ଭାଙ୍ଗିବା ଉପରେ ପ୍ରତିବନ୍ଧକ ଲଗାଇବାକୁ ନିଷିଦ୍ଧାଦେଶ  ପାଇଁ ମକଦ୍ଦମା ଏହି ପରିପ୍ରେକ୍ଷୀରେ ଦାଖଲ କରିଥିଲେ ଯେ ହରିୟାଣା ପୌରପାଳିକା ଅଧିନିୟମ, 1973 ର ଧାରା 208 (ସଂକ୍ଷେପରେ, 'ଅଧିନିୟମ') ଅନୁଯାୟୀ ଅନଧିକୃତ ନିର୍ମାଣ ତାରିଖ ଠାରୁ ଛଅ ମାସ ମଧ୍ୟରେ ସୂଚନା ହେବା ଆବଶ୍ୟକ । ଯେହେତୁ, ସ୍ୱୀକାରଯୋଗ୍ୟ ଭାବେ, 1982 ମସିହା ମାର୍ଚ୍ଚ 18 ତାରିଖରେ ବିହାରୀଲାଲଙ୍କୁ ସୂଚନା ଜାରି କରାଯାଇଥିଲା ଏବଂ 1981 ମସିହା ଫେବୃଆରୀ ମାସରେ ନିର୍ମାଣ କାର୍ଯ୍ୟ କରାଯାଇଥିଲା, ତେଣୁ ଏହା ସମୟ ସୀମା ବାହାରେ ଥିଲେ । ସେହି ଆଳ ନିମ୍ନ ନ୍ୟାୟାଳୟମାନଙ୍କ ଦ୍ୱାରା ସମର୍ଥିତ ହୋଇଥିଲା ଏବଂ ସେହି ଅନୁଯାୟୀ ବିଚାର କରୁଥିବା ନ୍ୟାୟାଳୟ  ତଥା ଅପିଲ ନ୍ୟାୟାଳୟ ଏହି ମକଦ୍ଦମା ଫଏସଲା କରିଥିଲେ  ଏବଂ ଏହାକୁ ନିଶ୍ଚିତ କରିଥିଲେ । ପ୍ରାରମ୍ଭରେ ଉଚ୍ଚ ନ୍ୟାୟାଳୟ  ଦ୍ୱିତୀୟ ଅପିଲକୁ ଖାରଜ କରିଦେଇଥିଲେ । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ।

ଏହା ବିବାଦୀୟ ନୁହେଁ ଯେ ଫରିଦାବାଦ କମ୍ପ୍ଲେକ୍ସ ପ୍ରଶାସନ (ବିନିୟମନ ଏବଂ ବିକାଶ) ଅଧିନିୟମ, 1972 (1972 ର ଅଧିନିୟମ 4) ର ପରିଚାଳନା ଦ୍ୱାରା ଅପିଲକାରୀ ଆଇନଗତ ଉତ୍ତରାଧିକାରୀ ଅଟନ୍ତି ଏବଂ ବଲ୍ଲବଗଡ଼ ପୌରପାଳିକା ଦ୍ୱାରା ଅଧିକୃତ ସମ୍ପତ୍ତିରେ ଉତ୍ତରାଧିକାରୀ ହୋଇଥିଲେ । ଏହି ଅଧିନିୟମର ଧାରା 61 (1) (f) ରେ ବ୍ୟବସ୍ଥା ରହିଛି ଯେ, କୌଣସି ସ୍ୱତନ୍ତ୍ର ସଂରକ୍ଷଣ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ସ୍ୱତନ୍ତ୍ର ସର୍ତ୍ତାବଳୀର ଆଧାରରେ, ସେହି ଧାରାରେ ନିର୍ଦ୍ଦିଷ୍ଟ ଭାବେ ଏବଂ ପୌରପାଳିକା ମଧ୍ୟରେ ଅବସ୍ଥିତ ପ୍ରକୃତିର ସମସ୍ତ ସମ୍ପତ୍ତି ସମିତିର ନିୟନ୍ତ୍ରଣରେ ରହିବ ଏବଂ ଏହା ପରେ ପୂର୍ବରୁ ଦଖଲରେ ଥିବା ଅନ୍ୟ ସମସ୍ତ ସମ୍ପତ୍ତି ସମିତିରେ ନିହିତ ହେବ ଏବଂ ଅଧିନିୟମର ଉଦ୍ଦେଶ୍ୟରେ ସମିତି ଦ୍ୱାରା ଧାରଣ ଏବଂ ପ୍ରୟୋଗ କରାଯିବ, ଅର୍ଥାତ୍, "(f) ରାଜ୍ୟ ସରକାରଙ୍କ ଦ୍ୱାରା ସମିତିକୁ ହସ୍ତାନ୍ତର କରାଯାଇଥିବା ସମସ୍ତ ଜମି କିମ୍ବା ଅନ୍ୟାନ୍ୟ ସମ୍ପତ୍ତି କିମ୍ବା ସରକାରଙ୍କ ଦ୍ୱାରା କ୍ରୟ ଦ୍ୱାରା କିମ୍ବା ଅନ୍ୟଥା ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯାଇଥିବା ସମ୍ପତ୍ତି" । ଏହା ଦେଖିବାକୁ ହେବ ଯେ ଧାରା 61 ର ଉପଧାରା (1) ରେ ଗଣନା କରାଯାଇଥିବା ସମସ୍ତ ସମ୍ପତ୍ତି ବଲ୍ଲବଗଡ଼ ପୌରପାଳିକାର ମାଲିକାନାରେ ଅଛି । ଅପିଲକାରୀ ଆଇନଗତ ଉତ୍ତରାଧିକାରୀ ହୋଇଥିବାରୁ, ସେଗୁଡ଼ିକ ଅଧିନିୟମ 15 ଅନୁଯାୟୀ ଅପିଲକାରୀଙ୍କୁ ହସ୍ତାନ୍ତର ହୋଇଥିଲା ଏବଂ ଦଖଲ ଦିଆଯାଇଥିଲା ।

ଅପିଲକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଲିଖିତ ବିବୃତିରେ ଏହା ସତ୍ୟ ଥିଲା ଯେ ବିହାରୀଲାଲଙ୍କୁ ସୂଚନା ଦିଆଯାଇଥିଲା ଯେ ସେ "ଜମିର ଅନଧିକୃତ ଦଖଲରେ ଥିଲେ ଏବଂ ସେ ଅନଧିକୃତ ଭାବରେ ନିର୍ମାଣ କରୁଥିଲେ । ସେ ଏହାର ଉତ୍ତର ଦେଇ କହିଥିଲେ ଯେ ସେ ଜମି ହସ୍ତାନ୍ତର କରିସାରିଥିଲେ । ଡି.ଡବ୍ଲ୍ୟୁ.4, କ୍ରିଷନ ଲାଲ ତାଙ୍କ ସାକ୍ଷ୍ୟରେ କହିଥିଲେ ଯେ ଅନଧିକୃତ ନିର୍ମାଣ ପାଇଁ ପୂର୍ବରୁ ବିହାରୀଲାଲଙ୍କୁ ସୂଚନା ଜାରି କରାଯାଇଥିଲା ଏବଂ ତାଙ୍କଠାରୁ ଉତ୍ତର ମିଳିଥିଲା ଯେ ସେ ପୂର୍ବରୁ ଜମି ହସ୍ତାନ୍ତର କରିସାରିଥିଲେ । ଏହିପରି, ଏହା ଦେଖିବାକୁ ମିଳିଥିଲା ଯେ ଅପିଲକାରୀ ଜମି ଉପରେ ମାଲିକାନା ଦାବି କରିଥିଲେ ଏବଂ ସେଥିରେ କରାଯାଇଥିବା ଅନଧିକୃତ ନିର୍ମାଣକୁ 'ବି' ଦୃଢୋକ୍ତି କରିଥିଲେ ଏବଂ ସେହି ଆଧାରରେ ବିହାରୀଲାଲଙ୍କୁ ସୂଚନା ଦିଆଯାଇଥିଲା । ସ୍ୱୀକାରଯୋଗ୍ୟ ଭାବେ, ଉତ୍ତରଦାତାମାନେ, ବିହାରୀଲାଲ ଏବଂ ଅନ୍ୟମାନଙ୍କଠାରୁ ସମ୍ପତ୍ତି କିଣିଛନ୍ତି । ଏହିପରି, ସେମାନେ ସ୍ୱତ୍ୱରେ ବିହାରୀଲାଲ ଏବଂ ଅନ୍ୟମାନେମାନଙ୍କ ଠାରୁ ଆଇନଗତ ଉତ୍ତରାଧିକାରୀ ହୋଇଥିବାରୁ, ପ୍ରଶ୍ନ ଉତ୍ପନ୍ନ ହୋଇଥାଏ:ଉକ୍ତ ଜମି ଉପରେ ସେମାନଙ୍କର ଅଧିକାର ଏବଂ ସ୍ୱତ୍ୱ ଅଛି କି ନାହିଁ ଏବଂ ଅପିଲକାରୀଙ୍କ ବିରୋଧରେ ସୂଚନା ଜାରି କରାଯାଇପାରିବ କି ? ଦୁର୍ଭାଗ୍ୟବଶତଃ, ନିମ୍ନ ନ୍ୟାୟାଳୟମାନେ ଏହି ଦିଗଗୁଡ଼ିକୁ ମନଯୋଗ ଦେଇନାହାନ୍ତି ଏବଂ ସେମାନେ ଏହି ଆଧାରରେ ଅଗ୍ରସର ହୋଇଛନ୍ତି ଯେ ଅଧିନିୟମ 208

ଅନୁଯାୟୀ ଅନଧିକୃତ ନିର୍ମାଣ ପାଇଁ ସୂଚନା ଦିଆଯାଇଥିଲା । ବିଚାର କରୁଥିବା ନ୍ୟାୟାଳୟ ଏହିପରି ପାଇଥିଲେ :

" ତେଣୁ, ଏହା ସମ୍ପୂର୍ଣ୍ଣ ସ୍ପଷ୍ଟ ଯେ ବିହାରୀ ଲାଲଙ୍କୁ ଜାରି କରାଯାଇଥିବା 18.3.1982 ତାରିଖର ସୂଚନା, ପୂର୍ବ ମକଦ୍ଦମାରେ ସମ୍ପୃକ୍ତ ଜମି ବ୍ୟତୀତ ଅନ୍ୟ ଜମି ସମ୍ବନ୍ଧରେ ଅଟେ ।ଯଦି ମଧ୍ୟ ଏହା ଧରାଯାଏ ଯେ ବାଦ ସ୍ଥାନ ସମ୍ବନ୍ଧରେ ବିହାରୀଲାଲଙ୍କୁ ଦିଆଯାଇଥିବା 18.3.1982 ତାରିଖ ସୂଚନା ତାପରେ ମଧ୍ୟ ଏହା ବାଦୀଙ୍କ ପାଇଁ ବାଧ୍ୟତାମୂଳକ ହୋଇପାରିବ ନାହିଁ ।

ଏହା ସ୍ପଷ୍ଟତଃ ବିଚାର କରୁଥିବା ନ୍ୟାୟାଳୟ  ଦ୍ଵାରା ନଥିଭୁକ୍ତ କରାଯାଇଥିବା ଭୁଲ ସିଦ୍ଧାନ୍ତ, କାରଣ ସ୍ୱୀକାରଯୋଗ୍ୟ ଭାବେ, ଉତ୍ତରଦାତାମାନେ ବିହାରୀଲାଲଙ୍କଠାରୁ ଜମି କିଣିଥିଲେ ଏବଂ ଏହା ସେମାନଙ୍କର ମାମଲା ନୁହେଁ ଯେ ବିହାରୀଲାଲଙ୍କର ମ୍ୟୁନିସିପାଲିଟି ଠାରୁ ସ୍ଵାଧୀନ ମାଲିକାନା ଥିଲା । ଏହି ପରିସ୍ଥିତିରେ, ପ୍ରଶ୍ନ ଉଠୁଛି ଯେ ଅପିଲକାରୀଙ୍କ ଦ୍ଵାରା ଜାରି କରାଯାଇଥିବା ସୂଚନା ଆଇନର କୌଣସି ତ୍ରୁଟି ପାଇଁ ବ୍ୟର୍ଥ ହୋଇଛି କି?ଏହା ଦେଖିବାକୁ ମିଳିଛି ଯେ ଧାରା 208 ଅନୁଯାୟୀ ଜାରି କରାଯାଇଥିବା ସୂଚନା ଅନଧିକୃତ ନିର୍ମାଣ ସହ ଏହି ଆଧାରରେ ସମ୍ପୃକ୍ତ ଯେ ନିର୍ମାଣ କାର୍ଯ୍ୟ କରୁଥିବା ବ୍ୟକ୍ତି ସମ୍ପତ୍ତିର ମାଲିକ ଅଟନ୍ତି । ଏହି ପୃଷ୍ଠଭୂମିରେ, ଏହା ସେମାନଙ୍କର ମାମଲା ନୁହେଁ ଯେ ସେମାନେ ମାଲିକ ଅଟନ୍ତି । ଏବଂ କୋଠା ନିୟମାବଳୀ ଅନୁଯାୟୀ ନିର୍ମାଣ ପାଇଁ ଅନୁମତି ପାଇବା ପରେ ଆଇନ ଅନୁଯାୟୀ ନିର୍ମାଣ କାର୍ଯ୍ୟ ଜାରି ରଖିଥିଲେ । ତେଣୁ, ଏହି ସୀମାବଦ୍ଧତା କେବଳ ସେତେବେଳେ ସୃଷ୍ଟି ହେବ ଯେତେବେଳେ ଏହା ପ୍ରତିପାଦିତ ହେବ ଯେ ସେମାନେ ସମ୍ପତ୍ତିର ମାଲିକ ଥିଲେ  ଏବଂ ସେମାନେ ମହାନଗର ନିୟମାବଳୀ ଉଲ୍ଲଂଘନ କରି ନିର୍ମାଣ କାର୍ଯ୍ୟ ଜାରି ରଖୁଥିଲେ । ଏହି ପରିସ୍ଥିତିରେ, ଧାରା 208ର ସୀମା ସୃଷ୍ଟି ହେବ ନାହିଁ । ଏହି ମାମଲାରେ, ନିମ୍ନରେ ନ୍ୟାୟାଳୟଗୁଡ଼ିକର ଫଳାଫଳ ସ୍ପଷ୍ଟ ଭାବେ ଭୁଲ ଅଟେ । ଅପିଲକାରୀଙ୍କ ଜମିରେ ଅନଧିକୃତ ନିର୍ମାଣକୁ ହଟାଇବା ପାଇଁ ସୂଚନା ଜାରି କରିବାରେ କୌଣସି ତ୍ରୁଟି ନାହିଁ ।

ତେଣୁ ନିମ୍ନୋକ୍ତ ନ୍ୟାୟାଳୟ ଦ୍ଵାରା ମଞ୍ଜୁର ହୋଇଥିବା ବିଚାରାଦେଶ ସ୍ପଷ୍ଟ ଭାବରେ ଗ୍ରହଣୀୟ ନୁହେଁ । ଉଚ୍ଚ ନ୍ୟାୟାଳୟ ଏହି ମାମଲାର ଏହି ଦୃଷ୍ଟିକୋଣକୁ ବିଚାର କରିବା ପାଇଁ ମନଯୋଗ ଦେଇନାହାନ୍ତି ଏବଂ ଏହାର ବୁଦ୍ଧି ପ୍ରୟୋଗ କରିନାହାନ୍ତି । ପ୍ରକୃତ ମାଲିକ, ଅର୍ଥାତ୍ ଅପିଲକାରୀଙ୍କ ବିରୁଦ୍ଧରେ କୌଣସି ନିଷିଦ୍ଧାଦେଶ ଜାରି କରାଯାଇପାରିବ ନାହିଁ ।

ତେଣୁ, ଅପିଲଗୁଡ଼ିକୁ ଅନୁମତି ଦିଆଯାଇଛି ଏବଂ ମକଦ୍ଦମାଗୁଡ଼ିକ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍. ଏ. ଅପିଲକୁ ଅନୁମତି ଦିଆଯାଇଛି ।

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ : ସୌମ୍ୟରଞ୍ଜନ ବେହେରା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।